# ଜିଲ୍ଲା ପରିଷଦର ୪୯ତମ ସାଧାରଣ ବୈଠକ ।

## (49th General Body meeting of Angul Zilla Parishad)

## ଜିଲ୍ଲାରେ କୃଷି,ସ୍ୱାସ୍ଥ୍ୟ ସହ ଗ୍ରାମୀଣ ଗୃହ ନିର୍ମାଣ ଓ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ।

ଅନୁଗୋଳ ଜିଲ୍ଲାପରିଷଦର ୪୯ତମ ସାଧାରଣ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ , ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା,ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ରୋହିତ ଗଙ୍ଗଦେବ,ଅନୁଗୋଳ ବିଧାୟକ ତଥା ଉପ-ବାଚସ୍ପତିଙ୍କ ପ୍ରତିନିଧି ଶ୍ରୀ ପ୍ରିୟଦର୍ଶୀ ପଟ୍ଟନାୟକ, ତାଳଚେର ବିଧାୟକଙ୍କ ପ୍ରତିନିଧି ଶ୍ରୀ ମୁରଲୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଅଧ୍ୟକ୍ଷା ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସରକାରଙ୍କର ବିଭିନ୍ନ ଅଗ୍ରାଧିକାର ଯୋଜନାର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ଜିଲ୍ଲା ପରିଷଦର ସାଧାରଣ ବୈଠକ ଓ ଗଠିତ ହୋଇଥିବା ୭ଟି ଷ୍ଟାଣ୍ଡିଂ କମିଟିର ବୈଠକ ନିୟମିତ ଅନୁଷ୍ଠିତ ହେଉ ନଥିବାରୁ ଅସନ୍ତୋଷ ପ୍ରକାଶ କରି ସଦସ୍ୟ ସଦସ୍ୟାମାନେ ବୈଠକରୁ ଉଠିଯାଇଥିଲେ । ପୁନଶ୍ଚ ଅପରାହ୍ଣ ୨ ଘଟିକା ସମୟରେ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା । ସଦସ୍ୟ ସଦସ୍ୟାମାନେ ନିଜ ନିଜ ଅଂଚଳରେ ଇନ୍ଦିରା ଆବାସ,ବିଜୁ ପକ୍କା ଘର,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ପାନୀୟ ଜଳ ଯୋଗାଣର ସମସ୍ୟା ସମାଧାନ ଉପରେ ଦାବୀ ଉପସ୍ଥାପନ କରିଥିଲେ । ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ନିଜ ନିଜ ଅଂଚଳର ଲୋକପ୍ରତିନିଧିମାନଙ୍କ ସହ ଆଲୋଚନା କରି ଏହି ସମସ୍ୟା ସମାଧାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାଛଡା ସଦସ୍ୟ ସଦସ୍ୟାମାନେ ପ୍ରତ୍ୟେକ ବିଭାଗ ଗୁଡିକର ସମସ୍ୟା ଗୁଡିକୁ ଲିଖିତ ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଠାରେ ଆସନ୍ତା ୩ ଦିନ ମଧ୍ୟରେ ପ୍ରଦାନ କଲେ ୧୫ ତାରିଖ ସୁଦ୍ଧା ଷ୍ଟାଣ୍ଡିଂ କମିଟିରେ ଆଲୋଚନା କରାଯାଇ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ସାଧାରଣ ବୈଠକରେ ଏହାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂଚନା ପ୍ରଦାନ କରିଥିଲେ । ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ଜମିନିଯୁକ୍ତି ଯୋଜନାର ମୋଟ ୧୨୦୪୫.୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୩୬୨୬୮୮୦ ଟି ଶ୍ରମ ଦିବସ ସୃଷ୍ଟି କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଠାରୁ ୧୩ ହଜାରଟି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ମିଳିଅଛି । ମଂଜୁର ହୋଇଥିବା ୬୧୮୩ଟି ଗୃହ ମଧ୍ୟରୁ ୩୬୬୧ଟି ଗୃହକୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି ।

ବିଜୁ ପକ୍କା ଘର ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲ୍ଲାକୁ ବର୍ତ୍ତମାନ ସୁଧା କୌଣସି ଭୌତିକ ଲକ୍ଷ୍ୟ ପ୍ରାପ୍ତ ହୋଇନାହିଁ । ପ୍ରକାଶଥାଉକି ଏହି ଯୋଜନାର ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲ୍ଲାକୁ ମୋଟ ୧୦୦୦ଟି ବିଜୁ ପକ୍କା ଘର (ସ୍ୱତନ୍ତ୍ର) ପ୍ରାପ୍ତ ହୋଇଅଛି । ବର୍ତ୍ତମାନ ସୁଦ୍ଧା ୬୯୧ଟି ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମିକ ପାଉଣା ସଠିକ୍ ସମୟରେ ପ୍ରଦାନ, ପୂର୍ଣ୍ଣାଙ୍ଗ ହୋଇଥିବା ବିଜୁ ପକ୍କା ଗୃହର ବକେୟା ଅର୍ଥ ରାଶି ତୁରନ୍ତ ପ୍ରଦାନ ଓ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ବିଜୁ ପକ୍କା ଘର ଯୋଜନାରେ ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି । ଇନ୍ଦିରା ଆବାସ ଯୋଜନାରେ ହିତାଧିକାରୀମାନଙ୍କର ବକେୟା ଅର୍ଥ ରାଶିକୁ ଆସନ୍ତା ୭ ଦିନ ମଧ୍ୟରେ ପ୍ରଦାନ କରିବା ସହ ଯେଉଁ ଗ୍ରାମ ରୋଜଗାର ସାଥୀମାନେ ନିଜ ପଂଚାୟତରେ ରହିଛନ୍ତି ସେମାନଙ୍କୁ ୧୫ ଦିନ ମଧ୍ୟରେ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପାଇକମାଳ ବ୍ଲକରେ ଇନ୍ଦିରା ଆବାସ ଯୋଜନାରେ ଲାଂଚ ମଗାଯାଉଥିବା ଅଭିଯୋଗର ସତ୍ୟାସତ୍ୟ ଜାଣିବା ନିମନ୍ତେ ତୁରନ୍ତ ଏହାର ତଦନ୍ତ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ଏହାଛଡା ଏହି ବ୍ଲକରେ କୃଷି ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ଲୁହା ଲଙ୍ଗଳର ମୁଲ୍ୟ ୩୫୦ ଟଙ୍କା ପରିବର୍ତ୍ତେ ୪୫୦ ଟଙ୍କା ନେଉଥିବାର ଅଭିଯୋଗ ଉପରେ ଆସନ୍ତା ୭ ଦିନ ମଧ୍ୟରେ ତଦନ୍ତ କରି ଜିଲ୍ଲାପାଳଙ୍କୁ ଅବଗତ କରିବାକୁ କୃଷି ବିଭାଗକୁ ପରାମର୍ଶ ଦିଆଯାଇଛି । ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ଭଗ୍ନ ଓ ପରିତ୍ୟକ୍ତ ଗୃହରେ ବିପଦପୂର୍ଣ୍ଣ ଭାବେ ଚାଲୁଥିବା ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ପଂଚାୟତ ଗୁଡିକରେ ମିନି ଷ୍ଟାଡିୟମ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ପାନୀୟ ଜଳ ସମସ୍ୟା ଥିବା ଗ୍ରାମଗୁଡିକୁ ତୁରନ୍ତ ଚିହ୍ନଟ କରି ଆସନ୍ତା ୭ ଦିନ ମଧ୍ୟରେ ଜଣାଇବା ସହ ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ବିଭିନ୍ନ ଚିକିତ୍ସାଳୟରେ ଆବଶ୍ୟକ ମାଗଣା ଔଷଧ ଓ ସ୍ୱାସ୍ଥ୍ୟ ସେବା ସଠିକ୍ ଭାବେ ଉପଲବ୍ଧ ହେଉନଥିବା ସମ୍ପର୍କରେ ସଦସ୍ୟମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଂଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା,ଜିଲ୍ଲା ପରିଷଦର ସଦସ୍ୟ ସଦସ୍ୟା ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ଇନ୍ଦ୍ରମଣୀ ଗଡନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


ଜିଲ୍ଲା ପରିଷଦ ଅନୁଗୋଳର ୪୯ ତମ
ସାଧାରଣ ବୈଠକ
ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଅନୁଗୋଳ
୨୧ ଅଗଷ୍ଟ ୨୦୧୯
ଅନୁଗୋଳ- ୭୫୯୧୨୨